بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୫ ମଇ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନମ୍ରତା ଓ ସରଳତା ଆଲୋକରେ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ମହାନ ଚରିତ୍ରର ଏକ ହୃଦୟଗ୍ରାହୀ ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଦ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆମେ ଏହି କଥା ଉପରେ ଦୃଢ଼ ବିଶ୍ୱାସ ଓ ଆସ୍ଥା ରଖୁଛୁ, ଯେ ଯଦି ଏହି ପୃଥିବୀରେ କୌଣସି **କାମିଲ୍ ଇନ୍‌ସାନ୍** (ପୂର୍ଣ୍ଣ ମାନବ) ଜନ୍ମଗ୍ରହଣ କରିଛନ୍ତି ତେବେ ସେ ହେଉଛନ୍ତି, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] । ତାଙ୍କ ପୂର୍ବରୁ କିମ୍ବା ତାଙ୍କ ପରେ କୌଣସି ପୂର୍ଣ୍ଣ ମାନବ ଜନ୍ମ ହୋଇ ନାହାନ୍ତି । ତେବେ ତାହା **ହୁକୁକୁଲ୍ଲାଃ** (ଈଶ୍ୱରଙ୍କ ଅଧିକାର) ରକ୍ଷା କରିବା ହେଉ ଅବା **ହୁକୁକୁଲ୍ ଇବାଦ୍** (ମାନବଜାତିର ଅଧିକାର) ପୂରଣ କରିବା ହେଉ, ତାଙ୍କ ବ୍ୟକ୍ତିତ୍ୱ ମଧ୍ୟରେ ସମସ୍ତ ଉତ୍ତମ ଓ ଅତୁଳନୀୟ ଚରିତ୍ର ଠୁଳ ହୋଇ ଥିବାର (ଆମକୁ) ଦେଖିବାକୁ ମିଳିଥାଏ । ତାଙ୍କର ସର୍ବଶ୍ରେଷ୍ଠ ଗୁଣଗୁଡିକ ମଧ୍ୟରୁ ଅନ୍ୟତମ ଗୁଣ ହେଉଛି, ନମ୍ରତା ଓ ସରଳତା ।

ଆଜି ସେହି ସନ୍ଦର୍ଭରେ ମୁଁ କେତେକ ହଦିସ୍ ଓ ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କର କିଛି ନୀତିବାଣୀ ଉପସ୍ଥାପନ କରିବି । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ]ଙ୍କ ଠାରୁ ବଳି ସଂସାରରେ କୌଣସି ପୂର୍ଣ୍ଣ ମାନବର ଦୃଷ୍ଟାନ୍ତ ନାହିଁ । ଆଉ ନା ଆସନ୍ତାରେ ପ୍ରଳୟ ଦିବସ ପର୍ଯ୍ୟନ୍ତ ସେହିପରି କେହିହେଲେ ହୋଇପାରିବେ । ପୁଣି ଦେଖ ଯେ ଚମତ୍କାରୀ କ୍ଷମତା ପ୍ରାପ୍ତ ହେବା ପରେ ବି ସେହି ପବିତ୍ର ଅବତାର[ସ.ଅ] ସର୍ବଦା ନିଜକୁ ଈଶ୍ୱରଙ୍କ ଦାସ ଭାବରେ ହିଁ ଉପସ୍ଥାପନ କରୁଥିଲେ ଏବଂ ବାରମ୍ବାର ଏହା ହିଁ କହୁଥିଲେ, **ଇନ୍ନମା ଅନା ବଶରୁମ୍ ମିସ୍‌ଲୁକୁମ୍** ଅର୍ଥାତ୍ ମୁଁ ତୁମମାନଙ୍କ ପରି ହିଁ ଜଣେ ମଣିଷ ।

ହୁଜୁର[ସ.ଅ] କହିଛନ୍ତି; ଦେଖ ବୃଥା ଅହଂକାର ଓ ଆତ୍ମବଡ଼ିମା ପ୍ରଦର୍ଶନ କରିବାରୁ କେବଳ ନିବୃତ୍ତ ରହିବା ଉଚିତ୍ ନୁହେଁ । ବରଂ ତା ପରିବର୍ତ୍ତେ ସଦାଚାର, ନମ୍ରତା ଓ ସରଳତା ଗୁଣ ଆପଣାଇବା ଉଚିତ୍ । ଦେଖ ! ପବିତ୍ର ଅବତାର ଯିଏକି ପ୍ରକୃତରେ ସବୁଠାରୁ ମହାନ ଓ ସମ୍ମାନ ଯୋଗ୍ୟ (ନବୀ) ଥିଲେ, ତାଙ୍କର ସେହି ବିଶେଷ ଗୁଣର ନମୁନା ପବିତ୍ର କୁରଆନରେ ବର୍ଣ୍ଣିତ ରହିଛି । ଲେଖାଅଛି, ଜଣେ ଅନ୍ଧ ବ୍ୟକ୍ତି ମହାଭାଗଙ୍କ ସେବାରେ ଉପସ୍ଥିତ ହୋଇ ପବିତ୍ର କୁରଆନର ଆବୃତ୍ତି କରୁଥିଲେ । ଦିନେ ପୁଣ୍ୟଶ୍ଳୋକଙ୍କ ପାଖରେ ମକ୍କାର ପ୍ରଭାବଶାଳୀ ନେତା ଓ ବିଶିଷ୍ଟ ବ୍ୟକ୍ତିମାନେ ଏକତ୍ରିତ ଥିଲେ ଓ ମହାଭାଗ ସେମାନଙ୍କ ସହିତ କଥାବାର୍ତ୍ତା କରିବାରେ ବ୍ୟସ୍ତ ଥିଲେ । ଇତି ମଧ୍ୟରେ ସେହି ଅନ୍ଧ ବ୍ୟକ୍ତି ଜଣକ କିଛିକ୍ଷଣ ଅପେକ୍ଷା କରିବା ପରେ ସେଠାରୁ ଚାଲିଗଲେ । ଏମିତି ଦେଖିବାକୁ ଗଲେ ଏହା ଏକ ସାଧାରଣ କଥା ଥିଲା, କିନ୍ତୁ ପରାକ୍ରମୀ ଅଲ୍ଲାଃ ଏହି ବିଷୟକୁ କେନ୍ଦ୍ର କରି ଏକ ସୁରଃ ଅବତୀର୍ଣ୍ଣ କଲେ । ତା'ପରେ ମହାଭାଗ ସେହି ଅନ୍ଧ ବ୍ୟକ୍ତିଙ୍କ ଘରକୁ ଗଲେ ଓ ତାଙ୍କୁ ନିଜ ପାଖକୁ ଡ଼ାକି ନିଜ ପବିତ୍ର ଚାଦର ଉପରେ ବସାଇଲେ । ଅସଲ କଥା ହେଉଛି, ଯେଉଁମାନଙ୍କ ହୃଦୟରେ ଈଶ୍ୱରଙ୍କ ଶ୍ରେଷ୍ଠତା ବିଦ୍ୟମାନ ଥାଏ ।

ସେମାନଙ୍କୁ ନିଶ୍ଚିତ ଭାବେ ବିନମ୍ର ଓ ସରଳ ହେବାକୁ ପଡିଥାଏ । କାରଣ ସେମାନେ ସର୍ବଦା ଈଶ୍ୱରଙ୍କ ଭୟରେ କମ୍ପିତ ଓ ସଚେତନ ଥାଆନ୍ତି ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହା ମାତ୍ର ଏକ ଘଟଣା ନୁହେଁ, ଯାହା ପବିତ୍ର କୁରଆନରେ ଓ ହଜରତ ମସିହ ମଉଦ[ଅ.ସ]ଙ୍କ ଦ୍ୱାରା ବର୍ଣ୍ଣନା କରାଯାଇଛି । ବରଂ ଏହା ଆମମାନଙ୍କ ପାଇଁ ଶିକ୍ଷା ଯେ ନବୀଶିରୋମଣୀ ଆମମାନଙ୍କ ପାଇଁ ସର୍ବୋତ୍ତମ ଆଦର୍ଶ । ତେଣୁ ଯଦି ଆପଣ ତାଙ୍କୁ ଭଲପାଇବାର ଦାବି କରୁଛନ୍ତି, ତେବେ ଆପଣ ମଧ୍ୟ ସେହିସବୁ ଅନନ୍ୟ ଗୁଣ ଅର୍ଥାତ୍ ନମ୍ରତା ଓ ସରଳତାର ସର୍ବୋଚ୍ଚ ସ୍ତର ହାସଲ କରିବାକୁ ଚେଷ୍ଟା କରନ୍ତୁ । ହଜରତ ମୁହମ୍ମଦ[ସ.ଅ] କହିଛନ୍ତି; ପ୍ରତ୍ୟେକ ମନୁଷ୍ୟର ମୁଣ୍ଡ ସହିତ ଦୁଇଟି ଶିକୁଳି ବନ୍ଧା ହୋଇଛି । ଗୋଟିଏ ଶିକୁଳି ଆକାଶ ଆଡ଼କୁ ଓ ଅନ୍ୟ ଶିକୁଳିଟି ପୃଥିବୀ ଆଡ଼କୁ ବନ୍ଧା ହୋଇଛି । ଯେତେବେଳେ ଭକ୍ତ ନମ୍ରତା ଓ ସରଳତା ଅବଲମ୍ବନ କରିଥାଏ, ସେତେବେଳେ ଯେଉଁ ଫରିସ୍ତା ହାତରେ ଆକାଶର ଶିକୁଳି ରହିଥାଏ, ସେ ସେହି ଶିକୁଳିକୁ ଉପରକୁ ଟାଣି ନିଅନ୍ତି । ଆଉ ଯେତେବେଳେ ସେ ଅହଂକାର ଓ ଗର୍ବ କରେ ସେତେବେଳେ ଭୂପୃଷ୍ଠର ଶିକୁଳି ତାକୁ ତଳକୁ ଟାଣିନିଏ । ପୁଣ୍ୟଶ୍ଳୋକ କହିଲେ; **ଯେତେବେଳେ ଭକ୍ତ ନମ୍ରତା ପ୍ରଦର୍ଶନ କରେ ଅଲ୍ଲାଃତାଲା ତାକୁ ସପ୍ତମ ଆକାଶ ପର୍ଯ୍ୟନ୍ତ ଉର୍ଦ୍ଧ୍ୱଗାମୀ କରିଦିଅନ୍ତି ।**

ତେବେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ସକାଶେ ନମ୍ରତାର ମାନଦଣ୍ଡ କ'ଣ ଥିଲା ? ଏହି ପରିପ୍ରେକ୍ଷୀରେ ହଜରତ ଅନସ୍[ର.ଅ] ବର୍ଣ୍ଣନା କରନ୍ତି, ଏକଦା ଜଣେ ବ୍ୟକ୍ତି ହୁଜୁର[ସ.ଅ]ଙ୍କୁ ସମ୍ବୋଧନ କରି କହିଲେ; ହେ ଆମର ସର୍ଦ୍ଦାର ଓ ସର୍ଦ୍ଦାରଙ୍କ ପୁତ୍ର ! ତା'ର ଏହି କଥା ଶୁଣି ମହାଭାଗ କହିଲେ; ହେ ଲୋକମାନେ ଈଶ୍ୱରଙ୍କୁ ଭୟ କର ଓ ଏହାକୁ ନିଜ ଉପରେ ଅନିବାର୍ଯ୍ୟ କରିନିଅ । ଦେଖ ଶୈତାନ ତୁମକୁ ବିଭ୍ରାନ୍ତ କରି ନଦେଉ । ମୁଁ ମୁହମ୍ମଦ ବିନ୍ ଅବ୍ଦୁଲ୍ଲାଃ ଅର୍ଥାତ୍ ଅବ୍ଦୁଲ୍ଲାଃଙ୍କ ପୁତ୍ର, ଅଲ୍ଲାଃଙ୍କର ଦାସ ଓ ତାଙ୍କର ପୈଗମ୍ବର । ଅଲ୍ଲାଃଙ୍କ ରାଣ ! ଅଲ୍ଲାଃ ମୋତେ ଯେଉଁ ପଦବୀ ଓ ମର୍ଯ୍ୟାଦା ପ୍ରଦାନ କରିଛନ୍ତି, ତୁମେମାନେ ମୋତେ ତା' ଠାରୁ ବଳି ମାନମର୍ଯ୍ୟାଦା ଦିଅ ନାହିଁ । କାରଣ ଏହା ମୋତେ ଆଦୌ ପସନ୍ଦ ନୁହେଁ । ଏହିପରି ହୁଜୁର[ସ.ଅ] କହିଲେ; **କାହାରିକୁ ତାହାର କର୍ମ ବୈକୁଣ୍ଠରେ ପ୍ରବେଶ କରାଇବ ନାହିଁ** । ଏଥିରେ ସାହାବା (ଆଚମ୍ଭିତ ହୋଇ) ପଚାରିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଆପଣଙ୍କୁ ମଧ୍ୟ ? ମହାଭାଗ ଉତ୍ତର ଦେଲେ ନା, ମୋତେ ବି ନୁହେଁ । ଏହା ବ୍ୟତିରେକେ ଯେ ମହିମାମୟ ଅଲ୍ଲାଃ ମୋତେ (ନିଜ) କରୁଣାର ଚାଦରରେ ଢ଼ାଙ୍କି ଦେବେ ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଏହି ପ୍ରାର୍ଥନା କରୁଥିଲେ, ହେ ମୋର ଅଲ୍ଲାଃ ! ମତେ ଜଣେ ଦରିଦ୍ର ଭାବେ ଜୀବିତ ରଖ, ସେହି ଅବସ୍ଥାରେ ମୃତ୍ୟୁ ଦିଅ ଏବଂ ଅଭାବିମାନଙ୍କ ଗହଣରେ ହିଁ ମୋର ପୁନରୁତ୍‌ଥାନ କର । ଜଣେ ମହିଳା ଯାହାର ମାନସିକ ସ୍ଥିତି ସାମାନ୍ୟ ଅସ୍ୱାଭବିକ ଥିଲା, ସେ ମହାଭାଗଙ୍କୁ କହିଲେ; ହେ ମୁହମ୍ମଦ[ସ.ଅ] ! ମୋର ଆପଣଙ୍କ ସହିତ କିଛି କାମ ଅଛି । ଏଥି ଉତ୍ତାରେ ହୁଜୁର[ସ.ଅ] କହିଲେ; ହେ ଅମୁକର ମାତା ! ତୁମେ ଯେଉଁ ଗଳିକୁ ଚାହୁଁଛ ମୋତେ ନେଇ ଚାଲ, ଯେପର୍ଯ୍ୟନ୍ତକି ମୁଁ ତୁମର କାମ ସମ୍ପୂର୍ଣ୍ଣ ନକରି ଦେଇଛି । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ମହାଭାଗ ଅନସାର୍‌ମାନଙ୍କ ନିକଟକୁ ଚାଲି ଯାଉଥିଲେ ଓ ତାଙ୍କ ପିଲାମାନଙ୍କୁ **ସଲାମ୍** କରୁଥିଲେ ତଥା ସେମାନଙ୍କ ମୁଣ୍ଡରେ (ଆଶୀର୍ବାଦ ଦେବା ପରି) ନିଜ ପବିତ୍ର ହସ୍ତ ବୁଲାଇ ଆଣୁଥିଲେ । ସେମାନଙ୍କ ପାଇଁ ଦୁଆ କରୁଥିଲେ, ଥରେ ଜଣେ ବ୍ୟକ୍ତି ହୁଜୁର[ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ କଥା ହେଲେ । ହୁଜୁର[ସ.ଅ]ଙ୍କ ମହାନ ବ୍ୟକ୍ତିତ୍ୱ ଯୋଗୁଁ ତାହାର କାନ୍ଧ ଥରିବାକୁ ଲାଗିଲା, ତାହା ଦେଖି ମହାଭାଗ କହିଲେ; ଧୈର୍ଯ୍ୟ ଧର ଓ ନିଶ୍ଚିନ୍ତ ହୋଇଯାଅ । ମୁଁ କୌଣସି ପ୍ରତାପୀ ରାଜା ନୁହେଁ, ମୁଁ ତ ସେହି ମହିଳାଙ୍କର ପୁତ୍ର ଯିଏ ଶୁଖିଲା ମାଂସ ଖାଉଥିଲେ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; **ଐଶ୍ୱର୍ଯ୍ୟମୟ ଅଲ୍ଲାଃ ଯେପରି ଭାବେ ମହାଭାଗଙ୍କୁ**

**ସଫଳତା ପ୍ରଦାନ କଲେ, ମହାଭାଗ ସେହିପରି ଅଧିକ ନମ୍ର ଓ ସରଳ ହୋଇଯାଥିଲେ ।**

ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ] କହିଛନ୍ତି; ମୋର ପ୍ରଶଂସାରେ ଅତିଶୟତା ଅବଲମ୍ବନ କର ନାହିଁ । ଯେପରି ଖ୍ରୀଷ୍ଟଧର୍ମୀମାନେ ମରିୟମ୍ ପୁତ୍ର ଯୀଶୁଙ୍କ ପ୍ରଶଂସା କରିବାରେ ସୀମାଲଙ୍ଘି ଯାଇଛନ୍ତି । ମୁଁ ତ କେବଳ ଅଲ୍ଲାଃଙ୍କର ଜଣେ ଦାସ । ମୋ ସଂକ୍ରାନ୍ତରେ ତୁମେମାନେ କେବଳ ଏତିକି କୁହ, ଅଲ୍ଲାଃଙ୍କର ଦାସ ଓ ତାଙ୍କର ରସୁଲ । ହୁଜୁର[ସ.ଅ] ଆହୁରି କହିଛନ୍ତି; କାହାରି ଏହା କହିବା ଉଚିତ୍ ନୁହେଁ, ଯେ ମୁଁ ୟୁନୁସ୍ ବିନ୍ ମତାଙ୍କ ଠାରୁ ଶ୍ରେଷ୍ଠ । ଦେଖ ସର୍ବଶ୍ରେଷ୍ଠ ନବୀ ହୋଇଥିବା ସତ୍ତ୍ୱେ ମହାଭାଗ ନିଜର ଚରମ ନମ୍ରତା ଯୋଗୁଁ ନିଜକୁ ଶ୍ରେଷ୍ଠ ବୋଲି ପ୍ରକାଶ କରିବାକୁ (ସହଚରମାନଙ୍କୁ) ବାରଣ କରୁଥିଲେ । ଜଣେ ବ୍ୟକ୍ତି ଆପଣଙ୍କୁ **ଖୈରୁଲ୍ ବରିୟା** (ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ) କହି ସମ୍ବୋଧିତ କଲା, ସେତେବେଳେ ହୁଜୁର[ସ.ଅ] କହିଲେ; ସେ ତ ହଜରତ ଇବ୍ରାହିମ୍[ଅ.ସ] ଥିଲେ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ନିଶ୍ଚିତ ଭାବରେ ପବିତ୍ର ଅବତାର ସମଗ୍ର ସୃଷ୍ଟି ମଧ୍ୟରେ ସବୁଠାରୁ ଉତ୍ତମ ଥିଲେ ଓ ଅଟନ୍ତି ଏବଂ ସେ ହିଁ **ଖୈରୁଲ୍ ବରିୟା** (ଉପାଧିର ଅଧିକାରୀ), ମାତ୍ର ମହାଭାଗ ନିଜର ଅପାର ନମ୍ରତା ଗୁଣ ଯୋଗୁଁ ଏହି ଶ୍ରେୟ ଓ ସମ୍ମାନ ହଜରତ ଇବ୍ରାହିମ୍[ଅ.ସ]ଙ୍କୁ ଦେଲେ । ଯେତେବେଳେ ମକ୍କା ବିଜୟ ହେଲା ସେତେବେଳେ ମହାଭାଗ ଏକ ଲକ୍ଷ ସହଚରମାନଙ୍କ ସହିତ **ହଜ୍** କରିଥିଲେ । ସେହି ସମୟରେ ତାଙ୍କର ସରଳତା ଓ ନମ୍ରତା ଏପରି ଥିଲା, ଯେ ପୁଣ୍ୟଶ୍ଳୋକ ଏକ ସାଧାରଣ ଓ ପୁରୁଣା ଆସନ ରଖାଯାଇଥିବା ବାହନ ଉପରେ ବସି **ହଜ୍** କରିଥିଲେ । ଆଉ ମହାଭାଗଙ୍କ ଶରୀରରେ ଥିବା ଚାଦରର ମୂଲ୍ୟ ମାତ୍ର ଚାରି ଦିରହମ୍ କିମ୍ବା ତା’ ଠାରୁ କମ୍ ଥିଲା । ଯୁଗାବତାର ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଅହମଦ୍ ନାମ ହେଉଛି, ସୌନ୍ଦର୍ଯ୍ୟ ଓ ପ୍ରେମର ପ୍ରତୀକ ଏବଂ ତାହା ବିପରୀତ ମୁହମ୍ମଦ୍ ନାମ ରହିଛି, ଯାହାକି ମହିମା ଓ ପ୍ରତାପର ପ୍ରତିଫଳନ । ଏହାର କାରଣ ହେଉଛି, ମୁହମ୍ମଦ୍ ନାମ ମଧ୍ୟରେ ପ୍ରିୟ ହେବାର ରହସ୍ୟ ଲୁଚି ରହିଛି । ଯେତେବେଳେ କି ଅହମଦ୍ ନାମ ମଧ୍ୟରେ ଜଣେ ସଚ୍ଚୋଟ ପ୍ରେମିକ ହେବାର ରହସ୍ୟ ଲୁକ୍କାୟିତ ରହିଛି । ପ୍ରିୟ ହେବାର ଯେଉଁ ଗୁଣ ମୁହମ୍ମଦ୍ ନାମରେ ପ୍ରଚ୍ଛନ୍ନ ଥିଲା, ତାହା ସାହାବାମାନଙ୍କ ମାଧ୍ୟମରେ ପ୍ରକାଶ ପାଇଲା ଏବଂ ଯେଉଁମାନେ ଅପମାନ ଓ ତିରସ୍କାର କରୁଥିଲେ ତଥା ଅହଂକାରୀ ଥିଲେ । ଈଶ୍ୱରଙ୍କ ପ୍ରିୟ ହେବାର ସେହି ମହିମା ଓ ପ୍ରତାପ ସେମାନଙ୍କ ଗର୍ବ ଓ ଅହଂକାରକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରିଦେଲା ।

ହଜରତ ଅନସ୍[ର.ଅ] ବର୍ଣ୍ଣନା କରନ୍ତି, ମହାଭାଗ ରୋଗୀମାନଙ୍କର ସେବା ଓ ଦେଖାଶୁଣା କରୁଥିଲେ ଏବଂ ଶବଯାତ୍ରାରେ ସାମିଲ ହେଉଥିଲେ, ଏପରିକି ଗଧ ଉପରେ ମଧ୍ୟ ଆରୋହଣ କରି ନେଉଥିଲେ । ସେ ଜଣେ କ୍ରୀତଦାସର ନିମନ୍ତ୍ରଣକୁ ମଧ୍ୟ ସାଦରେ ଗ୍ରହଣ କରୁଥିଲେ । ଦେଖ ପୁଣ୍ୟଶ୍ଳୋକ ଲୋକମାନଙ୍କ ଭାବନାର କେତେଯେ ଧ୍ୟାନ ରଖୁଥିଲେ । ତାହାର ଏକ ଉଦାହରଣ ଏହିପରି ମିଳେ ଯେ ଥରେ ଆପଣ ଜଣେ କୁଷ୍ଠରୋଗୀର ହାତ ଧରି ତାକୁ ନିଜ ସହିତ ଗୋଟିଏ ପାତ୍ରରେ ଖାଇବା ପାଇଁ ବସାଇଲେ ଏବଂ କହିଲେ; ଅଲ୍ଲାଃଙ୍କ ନାମ ନେଇ ଖାଅ । ବର୍ଣ୍ଣିତ ରହିଛି, ଏକ ଯାତ୍ରା ସମୟରେ ହଜରତ ମୁହମ୍ମଦ[ସ.ଅ] ଛେଳି ମାଂସ ରାନ୍ଧିବାକୁ ନିର୍ଦ୍ଦେଶ ଦେଲେ । ତେଣୁ ଲୋକମାନେ ଛେଳି **ଜେବହ୍** କରିବା, ତାହାର ମାଂସ କାଟିବା ଓ ରୋଷେଇ କରିବା ଇତ୍ୟାଦି କାର୍ଯ୍ୟକୁ ପରସ୍ପର ମଧ୍ୟରେ ବାଣ୍ଟି ଦେଲେ । ଏହା ଦେଖି ମହାଭାଗ କହିଲେ; ତା’ହେଲେ ଜାଳେଣି କାଠ ସଂଗ୍ରହ କରିବା ମୋର ଦାୟିତ୍ୱ । ସହଚରମାନେ ଅନୁରୋଧ କଲେ, ହେ ଅଲ୍ଲାଃଙ୍କ ରସୁଲ ! ଆମେ ଏଥିପାଇଁ ଯଥେଷ୍ଟ । କିନ୍ତୁ ମହାଭାଗ କହିଲେ; ମୁଁ ଜାଣେ ଯେ ତୁମେମାନେ ମୋ ପାଇଁ ଯଥେଷ୍ଟ, ତଥାପି ମୁଁ ଚାହେଁ ନାହିଁ, ଯେ ତୁମମାନଙ୍କ ମଧ୍ୟରେ କେହି ସ୍ୱତନ୍ତ୍ର କିମ୍ବା ବଡ ଦେଖାଯାଉ । **କାରଣ ଅଲ୍ଲାଃତାଲା ଆଦୌ ଏହା ପସନ୍ଦ କରନ୍ତି ନାହିଁ, ଯେ ତାଙ୍କର ଦାସ ଲୋକମାନଙ୍କ ଗହଣରେ ନିଜକୁ ଶ୍ରେଷ୍ଠ ଓ ସ୍ୱତନ୍ତ୍ର ବୋଲି ପ୍ରଦର୍ଶିତ କରୁ** । ହଜରତ ଆଏଶା[ର.ଅ] ବର୍ଣ୍ଣନା

କରନ୍ତି, ପବିତ୍ର ଅବତାର ଘରର କାର୍ଯ୍ୟରେ ଅନ୍ତଃବାସୀଙ୍କୁ ସାହାଯ୍ୟ କରୁଥିଲେ ଏବଂ ଯେତେବେଳେ ନମାଜର ସମୟ ହୋଇ ଯାଇଥିଲା ସେତେବେଳେ ସେ ନମାଜ ପାଇଁ ଚାଲି ଯାଉଥିଲେ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏଥିରେ ସେହି ପୁରୁଷମାନଙ୍କ ପାଇଁ ମାର୍ଗଦର୍ଶନ (ଶିକ୍ଷା) ରହିଛି, ଯେଉଁମାନେ ଘରର କାମ କରିବାକୁ ସମ୍ପୂର୍ଣ୍ଣ ରୂପେ ମନା କରିଦିଅନ୍ତି । ଯାହା ଫଳରେ ପତ୍ନୀମାନେ ଅଭିଯୋଗ କରିଥା'ନ୍ତି । ହୁଜୁର[ସ.ଅ] ତ ନିଜ ଜୋତା ନିଜେ ମରାମତି କରି ନେଉଥିଲେ, ନିଜ ପୋଷାକ ନିଜେ ସିଲେଇ କରି ନେଉଥିଲେ ଏବଂ ନିଜ ଘରେ ଠିକ୍ ସେହିପରି କାମ କରୁଥିଲେ, ଯେପରି ତୁମମାନଙ୍କ ମଧ୍ୟରୁ କେହି ନିଜ ଘରେ କାମ କରିଥାଏ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏଥିରୁ ଏହା ମଧ୍ୟ ଜଣାପଡ଼ିଲା, ଯେ ସାହାବାମାନେ ନିଜ ଘରେ ପତ୍ନୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ମାତ୍ର ଏଠାରେ ଏହା ମଧ୍ୟ ସ୍ପଷ୍ଟ ରହିଥାଉ, ଯେ ଘରକାମର ପ୍ରକୃତ ଓ ମୂଳ ଦାୟିତ୍ୱ ହେଉଛି ପତ୍ନୀମାନଙ୍କର । **ମହାଭାଗ ସର୍ବଦା ନିଜ ପାଇଁ ସ୍ୱତନ୍ତ୍ର କିମ୍ବା ପକ୍ଷପାତମୂଳକ ବ୍ୟବହାରକୁ ପ୍ରତ୍ୟାଖ୍ୟାନ କରୁଥିଲେ** । ହୁଜୁର[ସ.ଅ] ମସଜିଦ୍ ନବଓ୍ୱୀର ନିର୍ମାଣ ସମୟରେ ଇଟା ବୋହିବା କାର୍ଯ୍ୟରେ ମଧ୍ୟ ଲୋକମାନଙ୍କୁ ସାହାଯ୍ୟ କରିଥିଲେ । ଆଉ **ଖନ୍ଦକ୍** (ଗର୍ତ୍ତ) ଖନନ କରିବାରେ ମାଟି ବି ବୋହି ଥିଲେ । ସେତେବେଳେ ସ୍ଥିତି ଏପରି ଥିଲା, ଯେ ମାଟି ମହାଭାଗଙ୍କ ଛାତିର କେଶକୁ ଢ଼ାଙ୍କି ଦେଇଥିଲା ।

ଏକଦା ହୁଜୁର[ସ.ଅ]ଙ୍କ ଆଗମନରେ ସାହାବାମାନେ ଛିଡ଼ା ହୋଇଗଲେ, ଏଥିରେ ମହାଭାଗ କହିଲେ; ଏପରି କର ନାହିଁ । ଯେପରି ପାରସ୍ୟର ଲୋକମାନେ ନିଜର ବଡମାନଙ୍କ ପାଇଁ କରିଥା'ନ୍ତି । ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ହୁଜୁର[ସ.ଅ] ନିଜ ଆଗମନରେ ସାହାବାମାନଙ୍କୁ ଛିଡ଼ା ହେବାକୁ ବାରଣ କରୁଥିଲେ ଓ କହୁଥିଲେ, ଏହା ତ ଇରାନୀମାନଙ୍କ ପ୍ରଥା । ମୁଁ କୌଣସି ରାଜା ନୁହେଁ । ହଜରତ ମସିହ ମଉଦ[ଅ.ସ] କହନ୍ତି; ମୋ ବିଚାରରେ ପବିତ୍ର ଓ ନିର୍ମଳ ହେବାର ଏହା ସବୁଠାରୁ ଉତ୍ତମ ପରିପନ୍ଥା ଓ ଏହାଠୁ ବଳି ଉତ୍ତମ ପନ୍ଥା ମିଳିବା ଅସମ୍ଭବ, ଯେ ମଣିଷ କୌଣସି ପ୍ରକାରର ଗର୍ବ ନକରୁ । ନା ଜ୍ଞାନର, ନା ବଂଶ ଆଭିଜାତ୍ୟର, ନା ଧନର.. ଯେପର୍ଯ୍ୟନ୍ତ ଜଣେ ଗରିବ ଓ ଅସହାୟ ବୃଦ୍ଧା ସହିତ ସେହିପରି ସଦ୍‌ବ୍ୟବହାର ନକରିଛି, ଯାହା ସେ ଜଣେ ଉଚ୍ଚବଂଶଜ ଓ ପ୍ରତିଷ୍ଠିତ ବ୍ୟକ୍ତି ସହିତ କରିଥାଏ ଏବଂ **ପ୍ରତ୍ୟେକ ପ୍ରକାରର ଅହଂକାର, ଆତ୍ମବଡିମା ଓ ଦ୍ୱେଷ ଭାବରୁ ନିଜକୁ ରକ୍ଷା ନକରିଛି, ସେ କଦାପି ଈଶ୍ୱରଙ୍କ ସାମ୍ରାଜ୍ୟରେ ପ୍ରବେଶ କରିପାରିବ ନାହିଁ** । ଦୟାମୟ ଅଲ୍ଲାଃ ଆମମାନଙ୍କୁ ନମ୍ରତାର ପ୍ରକୃତ ଅର୍ଥ ହୃଦୟଙ୍ଗମ କରିବାକୁ ଏବଂ ସର୍ବଦା ପବିତ୍ର ଅବତାରଙ୍କର ଆଦର୍ଶକୁ ନିଜ ସମ୍ମୁଖରେ (ଉଜ୍ଜୀବିତ) ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

15th May 2026

*Translated to Odia by :* Moulavi Anwar Ahmad Khan